**ଓଡ଼ିଶା ସରକାର**

**ଅର୍ଥ ବିଭାଗ**

*****

ପତ୍ର ସଂଖ୍ୟା ୩୧୦୮୨ / ଅର୍ଥ, ତା: 11 / 11 / 2025 ରିଖ

FIN-BUD1-BT-0007-2025

**ପ୍ରେରକ**

**ସଞ୍ଜୀବ କୁମାର ମିଶ୍ର, ଭା.ପ୍ର.ସେ.**
**ପ୍ରମୁଖ ଶାସନ ସଚିବ**

**ପ୍ରାପ୍ତେଷୁ**

**ରାଜ୍ୟ ସରକାରଙ୍କ ସମସ୍ତ ବିଭାଗର**
**ଅତିରିକ୍ତ ମୁଖ୍ୟ ଶାସନ ସଚିବ/ ପ୍ରମୁଖ ଶାସନ ସଚିବ/ କମିଶନର ତଥା ଶାସନ ସଚିବ**

**ବିଷୟ: 2025-26 ପାଇଁ ସଂଶୋଧିତ ଆକଳନ ଏବଂ 2026-27 ପାଇଁ ବଜେଟ୍ ଆକଳନର ପ୍ରସ୍ତୁତି ।**

**ମହାଶୟା / ମହାଶୟ,**

2026-27 ଆର୍ଥିକ ବର୍ଷର ବଜେଟ୍ ଆକଳନ ଫେବୃଆରୀ 2026 ରେ ଓଡିଶା ବିଧାନସଭାରେ ଉପସ୍ଥାପିତ ହେବ । ତେଣୁ, ଓଡିଶା ବିଧାନସଭାରେ ସଠିକ୍ ସମୟରେ ବଜେଟ୍ ଉପସ୍ଥାପନ କରିବା ନିମନ୍ତେ 2025-26 ବର୍ଷ ପାଇଁ ସଂଶୋଧିତ ଆକଳନ ଏବଂ 2026-27 ବର୍ଷ ପାଇଁ ବଜେଟ୍ ଆକଳନ ପ୍ରକ୍ରିୟା ଶୀଘ୍ର ଶେଷ ହେବା ଆବଶ୍ୟକ । ଚଳିତ ବର୍ଷ 2025-26 ବର୍ଷ ପାଇଁ ସଂଶୋଧିତ ଆକଳନ ଏବଂ 2026-27 ଆର୍ଥିକ ବର୍ଷ ପାଇଁ ବଜେଟ୍ ଆକଳନ ପ୍ରସ୍ତୁତ କରିବା ସମୟରେ ଓଡିଶା ବଜେଟ୍ ନିୟମାବଳୀର ଅଧ୍ୟାୟ-III ରେ ଥିବା ସାଧାରଣ ନିର୍ଦ୍ଦେଶନାମା ସହିତ ନିମ୍ନଲିଖିତ ଅତିରିକ୍ତ ନିର୍ଦ୍ଦେଶାବଳୀ ଅନୁସରଣ କରିବାକୁ ହେବ ।

2. **ସରକାରଙ୍କ ପ୍ରାଥମିକତା:** ଓଡ଼ିଶା ସରକାର 2036 ସୁଦ୍ଧା 500 ବିଲିୟନ ଆମେରିକୀୟ ଡଲାର ଅର୍ଥନୀତି ଏବଂ 2047 ସୁଦ୍ଧା 1.5 ଟ୍ରିଲିୟନ ଆମେରିକୀୟ ଡଲାର ଅର୍ଥନୀତି ହେବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି – ଯାହା ବର୍ତ୍ତମାନ ଅର୍ଥନୀତି ଆକାରର ପନ୍ଦର ଗୁଣ ଅଟେ । ଏହି ଅର୍ଥନୈତିକ ମହତ୍ତ୍ୱାକାଂକ୍ଷାକୁ ପୁରଣ କରିବା ପାଇଁ ଏକ କୋଟିରୁ ଅଧିକ ନୂତନ କର୍ମ ନିଯୁକ୍ତି ସୃଷ୍ଟି, ସାର୍ବଜନୀନ ସାକ୍ଷରତା ଏବଂ ସୁନିଶ୍ଚିତ ଉତ୍ତମ ସ୍ୱାସ୍ଥ୍ୟସେବା, ସବୁଜ ଶକ୍ତି, ପର୍ଯ୍ୟଟନ, ଉତ୍ପାଦନ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ସରକାର ପ୍ରାଥମିକତା ଦେବେ ।

3. **ଅର୍ଥନୈତିକ ଏବଂ ଆର୍ଥିକ ଦୃଷ୍ଟିପଟ:** ଭାରତର ବର୍ତ୍ତମାନର ଅର୍ଥନୈତିକ ଏବଂ ଆର୍ଥିକ ଦୃଷ୍ଟିପଟ ମଜବୁତ ରହିବା ସହ ଘରୋଇ ଅର୍ଥନୈତିକ କାର୍ଯ୍ୟକଳାପରେ ସ୍ଥିରତା ବଜାୟ ରହିଛି । ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଏବଂ ଖରିଫ ବୁଣିବାରେ ଆଶାନୁରୂପ ଅଗ୍ରଗତି, କୃଷି ଉତ୍ପାଦନ ପାଇଁ ଶୁଭ ସଙ୍କେତ । କ୍ରମାଗତ ଭାବେ ବୃଦ୍ଧି ପାଉଥିବା ଘରୋଇ ଚାହିଦାକୁ ଦୃଷ୍ଟିରେ ରଖି ଉତ୍ପାଦନରେ ଅଗ୍ରଗତି ଜାରି ରହିଛି । ଗ୍ରାମାଞ୍ଚଳରେ ଚାହିଦା ବୃଦ୍ଧି ସହ ସହରାଞ୍ଚଳରେ ଆବଶ୍ୟକୀୟ ପରିମାଣର ଖର୍ଚ୍ଚ ଦ୍ୱାରା ଘରୋଇ ଅର୍ଥନୀତିରେ ଅଭିବୃଦ୍ଧି ହୋଇପାରିଛି । 2026-27 ଆର୍ଥିକ ବର୍ଷରେ ଭାରତ ବିଶ୍ୱ ଅର୍ଥନୀତି କ୍ଷେତ୍ରରେ ଏକ ଉଜ୍ଜ୍ୱଳ ତାରକା ଭାବେ ଉଭା ହେବ । ଆନ୍ତର୍ଜାତୀୟ ମୁଦ୍ରା

ପାଣ୍ଠିର ସଦ୍ୟତମ ଆକଳନ ଅନୁଯାୟୀ, ଉଭୟ ଆର୍ଥିକ ବର୍ଷ 2025-26 ଏବଂ 2026-27 ରେ ବିଶ୍ୱ ଅର୍ଥନୀତିର ଅଭିବୃଦ୍ଧି 3.2 % ହେବ । 2025-26 ଆର୍ଥିକ ବର୍ଷରେ ଭାରତର ଅର୍ଥନୀତି ପ୍ରାୟ 7.2% ବୃଦ୍ଧି ପାଇବ ଏବଂ 2026-27 ଆର୍ଥିକ ବର୍ଷରେ 7% ଅଭିବୃଦ୍ଧି ହେବ ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ ଆକଳନ କରିଛନ୍ତି । ତଥାପି, ଦୁର୍ବଳ ବାହ୍ୟ ଚାହିଦା, ଭୌଗୋଳିକ-ଅର୍ଥନୈତିକ ବିଭାଜନ, ଏବଂ ଦୀର୍ଘସ୍ଥାୟୀ ଭୌଗୋଳିକ ତିକ୍ତତା, ଆଶାନୁରୂପ ଅଭିବୃଦ୍ଧି ହାସଲ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି କରିପାରେ । ପ୍ରାକୃତିକ, ଆର୍ଥିକ ତଥା ମାନବ ସମ୍ବଳକୁ ବ୍ୟବହାର କରି ବର୍ଷ 2025-26 ରେ ରାଜ୍ୟ ଅର୍ଥନୀତି 8% ବୃଦ୍ଧି ପାଇବ ଏବଂ 2026-27 ରେ ମଧ୍ୟ ସମାନ ଧାରା ଜାରି ରହିବ ବୋଲି ଆଶା କରାଯାଏ ।

4. **ସମ୍ବଳ ଦୃଷ୍ଟିକୋଣ**: ରାଜ୍ୟରେ ବର୍ତ୍ତମାନର ଟିକସ ଆଦାୟର ଧାରାକୁ ଦୃଷ୍ଟିରେ ରଖି 2026-27 ଆର୍ଥିକ ବର୍ଷରେ ରାଜ୍ୟର ମୋଟ ରାଜସ୍ୱ ଅଦାୟ ଚଳିତ ବର୍ଷର ସଂଶୋଧିତ ଆକଳନ ତୁଳନାରେ ପ୍ରାୟ 10 ପ୍ରତିଶତ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି । ଆନ୍ତର୍ଜାତୀୟ ସ୍ତରରେ ଖଣିଜ ମୂଲ୍ୟର ପରିବର୍ତ୍ତନ ହେତୁ ରାଜ୍ୟର ସମ୍ବଳ ପ୍ରଭାବିତ ହୋଇ ପାରେ । ସାମ୍ପ୍ରତିକ GST ସଂସ୍କାର ଯୋଗୁଁ ସକାରାତ୍ମକ ରାଜସ୍ୱ ଝଟକା ସ୍ୱରୂପ GST ଟିକସ ଆଦାୟରେ ଅଭିବୃଦ୍ଧି ହୋଇପାରେ ।

5. **ବିତ୍ତୀୟ ଉତ୍ତରଦାୟିତ୍ୱ ଓ ବଜେଟ ପରିଚାଳନା ଅଧିନିୟମ (FRBM) ଅନୁପାଳନ**: ଓଡିଶା FRBM ଅଧିନିୟମ, 2005 ଅନୁଯାୟୀ ରାଜସ୍ୱ ବଳକା ବଜାୟ ରଖିବା ଏବଂ ବିତ୍ତୀୟ ନିଅଣ୍ଟକୁ GSDP ର 3% ମଧ୍ୟରେ ସୀମିତ ରଖିବା ଆବଶ୍ୟକ । ପଞ୍ଚଦଶ ଅର୍ଥ ଆୟୋଗଙ୍କ ସୁପାରିଶ ଅନୁଯାୟୀ 2026-27 ପର୍ଯ୍ୟନ୍ତ ସାମଗ୍ରିକ ରାଜ୍ୟ ଘରୋଇ ଉତ୍ପାଦ (GSDP) ର 0.5% ଅତିରିକ୍ତ ବାର୍ଷିକ ଋଣ ସୀମା ଉପଲବ୍ଧ ଅଟେ, ଯାହାକି ଭାରତ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ହୋଇଥିବା କ୍ଷେତ୍ରୀୟ ସଂସ୍କାର ସହ ସମ୍ବନ୍ଧିତ । ପୂର୍ବ ଆର୍ଥିକ ବର୍ଷମାନଙ୍କରେ କ୍ରମାଗତ ଭାବେ ଅବ୍ୟବହୃତ ଋଣ ସୀମାକୁ ପରବର୍ତ୍ତୀ ସମୟରେ ବର୍ଷ 2026-27 ପର୍ଯ୍ୟନ୍ତ ବ୍ୟବହାର କରାଯାଇ ପାରିବ । ପୁଞ୍ଜି ଖର୍ଚ୍ଚର ଆବଶ୍ୟକତା ପୂରଣ ନିମନ୍ତେ ଯୁକ୍ତିଯୁକ୍ତ ରାଜସ୍ୱ ବ୍ୟୟ ଉପରେ ପ୍ରାଥମିକତା ଦେବା ସହ ଅଧିକ ରାଜସ୍ୱ ବଳକା ବଜାୟ ରଖିବାକୁ ହେବ । ତେଣୁ, ସଂଶୋଧିତ ଆକଳନ 2025-26 ଏବଂ ବଜେଟ୍ ଆକଳନ 2026-27 ପାଇଁ ରାଜ୍ୟ ସରକାରଙ୍କୁ ନିମ୍ନମତେ FRBM ସୂଚକାଙ୍କ ଅନୁପାଳନ କରିବାକୁ ହେବ:

| ସୂଚକାଙ୍କ | 2025-26 (BE) | 2025-26 (RE) | 2026-27 (BE) |
|---|---|---|---|
| ରାଜସ୍ୱ ବଳକା (+) / ନିଅଣ୍ଟ (-) (GSDP ର ପ୍ରତିଶତ) | (+) 2.99% | ରାଜସ୍ୱ ବଳକା | ରାଜସ୍ୱ ବଳକା |
| ଆର୍ଥିକ ନିଅଣ୍ଟ (GSDP ର ପ୍ରତିଶତ) | (-) 3.21% | (-) 3.50% | (-) 3.50% |

6. **ଆର୍ଥିକ ବର୍ଷ 2026-27 ପାଇଁ ବଜେଟ୍ ପ୍ରସ୍ତୁତି:** 2026-27 ଆର୍ଥିକ ବର୍ଷ ବଜେଟ୍ ଆକଳନ 2025-26 ଆର୍ଥିକ ବର୍ଷରେ ନିଆଯାଇଥିବା ନୀତି ଉପରେ ଆଧାରିତ ହେବ । ଏଥିରେ ଅଗ୍ରୀମ ବଜେଟ୍ କ୍ୟାଲେଣ୍ଡର, ଆର୍ଥିକ ପୂର୍ବାନୁମାନ ଏବଂ ଅଗ୍ରୀମ ବିଭାଗୀୟ ଖର୍ଚ୍ଚ ସୀମା ସୂଚକ ଅନ୍ତର୍ଭୁକ୍ତ (ଉଭୟ ପ୍ରଶାସନିକ ଏବଂ କାର୍ଯ୍ୟକ୍ରମ ବ୍ୟୟ) । ବିଭାଗ ଗୁଡିକୁ ପ୍ରଦାନ କରାଯାଇଥିବା ଖର୍ଚ୍ଚର ଅଗ୍ରୀମ ସୀମା ମଧ୍ୟରେ ବଜେଟ୍ ପ୍ରସ୍ତାବଗୁଡ଼ିକର ପୁଙ୍ଖାନୁପୁଙ୍ଖ ଯାଞ୍ଚ ସହ ଯୋଜନା ଗୁଡିକର ଆବଶ୍ୟକତା ଅନୁଯାୟୀ ପ୍ରାଥମିକୀକରଣ କରିବା ବିଧେୟ । ଏଥିପାଇଁ ସମସ୍ତ ବିଭାଗକୁ **ଆଗାମୀ ତିନିବର୍ଷ, ଯଥା – ବଜେଟ୍ ବର୍ଷ (Y), Y + 1 ଏବଂ Y + 2, ପାଇଁ ଖର୍ଚ୍ଚ ସୀମା** ଅବଗତ କରାଯିବ । ଏହାଫଳରେ ବିଭାଗଗୁଡିକ ବୃହତ ପ୍ରକଳ୍ପ ଯୋଜନା ପ୍ରସ୍ତୁତ କରିବା ସହ ଉପଲବ୍ଧ ସମ୍ବଳର ସୁବିନିଯୋଗ

ପାଇଁ ସମର୍ଥ ହେବେ । ଆର୍ଥିକ ବର୍ଷ 2026-27 ପାଇଁ ନିମ୍ନଲିଖିତ ବଜେଟ୍ ପ୍ରକ୍ରିୟା ଅନୁସରଣ କରାଯିବ ଏବଂ **20 ଡିସେମ୍ବର, 2025** ସୁଦ୍ଧା ଖର୍ଚ୍ଚ ଆକଳନ ଦାଖଲ କରିବାକୁ ହେବ ।

i. ବଜେଟ ପ୍ରୟୋଗ (BETA) ମାଧ୍ୟମରେ ବିଭାଗଗୁଡ଼ିକୁ ଅଗ୍ରୀମ ଖର୍ଚ୍ଚ ସୀମା ସୁଚାଇ ଦିଆଯିବ, ଯାହାଫଳରେ ଉପଲବ୍ଧ ଖର୍ଚ୍ଚ ସୀମା ମଧ୍ୟରେ ବ୍ୟୟ ପ୍ରସ୍ତାବ ଗୁଡ଼ିକର ପ୍ରାଥମିକିକରଣ ସୁଚାରୁରୂପେ କରିହେବ ।

ii. ପ୍ରତ୍ୟେକ ପ୍ରଶାସନିକ ବିଭାଗଗୁଡିକୁ ସେମାନଙ୍କର ବିଭାଗୀୟ ଖର୍ଚ୍ଚ ସୀମା, ଯଥା – ପ୍ରଶାସନିକ ଖର୍ଚ୍ଚ (ଦରମା, ପରିଚାଳନା ଓ ରକ୍ଷଣାବେକ୍ଷଣ ଏବଂ ଅନ୍ୟାନ୍ୟ), କାର୍ଯ୍ୟକ୍ରମ ବ୍ୟୟ (ରାଜ୍ୟ ସ୍ତରୀୟ ଯୋଜନା, କେନ୍ଦ୍ରୀୟ ଯୋଜନା ଏବଂ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା), ରାଜ୍ୟରୁ ସ୍ଥାନାନ୍ତର (କେନ୍ଦ୍ରୀୟ ଅର୍ଥ ଆୟୋଗ, ରାଜ୍ୟ ଅର୍ଥ ଆୟୋଗ ଏବଂ ଅନ୍ୟାନ୍ୟ ହସ୍ତାନ୍ତର) ଏବଂ ବିପର୍ଯ୍ୟୟ ସଙ୍କଟ ପରିଚାଳନା ପାଣ୍ଠି (SDRMF ଏବଂ NDRMF) ଅଧୀନରେ ପୃଥକ ଭାବରେ ସୁଚାଇ ଦିଆଯିବ ।

iii. ସୁଚାଇ ଦିଆଯାଇଥିବା ଖର୍ଚ୍ଚ ସୀମା ମଧ୍ୟରେ ବିଭାଗଗୁଡିକ ସେମାନଙ୍କର ବଜେଟ ଆକଳନ ପ୍ରସ୍ତୁତି ପୂର୍ବ ସ୍ଥିରିକୃତ ରୀତି ଏବଂ କାର୍ଯ୍ୟପଦ୍ଧତି ଆଧାରରେ ପ୍ରସ୍ତୁତ କରିବେ । ବିଭାଗଗୁଡିକ ସେମାନଙ୍କର ପ୍ରଶାସନିକ ବ୍ୟୟ ନିର୍ଣ୍ଣୟ କରିବା ପାଇଁ ଆବଶ୍ୟକୀୟ ନିର୍ଦ୍ଦେଶାବଳୀ **ପରିଶିଷ୍ଟ-I** ରେ ପ୍ରଦାନ କରାଯାଇଛି ।

iv. ଅର୍ଥ ବିଭାଗ, ଯୋଜନା ଏବଂ ସଂଯୋଜନ ବିଭାଗ ସହିତ ପରାମର୍ଶ କରି **"Fiscal Strategy Paper"** ନାମକ ଏକ ଦସ୍ତାବିଜ ପ୍ରକାଶ କରିବେ ଯାହାକି ମଧ୍ୟମ ଅବଧିରେ ରାଜସ୍ୱ ଏବଂ ବ୍ୟୟ ଆକଳନ ସହ ରାଜ୍ୟ ଅର୍ଥନୀତି ଏବଂ ଆର୍ଥିକ ଦୃଷ୍ଟିକୋଣକୁ ଦର୍ଶାଇବ ।

v. ପରିସଂଖ୍ୟାନ ଢାଞ୍ଚାରୁ ଉପଲବ୍ଧ ତଥ୍ୟ ସହ ପ୍ରଦତ୍ତ ପରିଶିଷ୍ଟ ଦ୍ୱାରା ସଂଗୃହିତ ବଜେଟ୍ ସମ୍ବନ୍ଧୀୟ ତଥ୍ୟ ଗ୍ରହଣ କରି ଅନ୍ୟାନ୍ୟ ଆନୁଷଙ୍ଗିକ ଦସ୍ତାବିଜ ପ୍ରସ୍ତୁତ କରାଯିବ ।

**7. 2026-27 କାର୍ଯ୍ୟକ୍ରମ ବ୍ୟୟ ଆକଳନ:**

କ. ରାଜ୍ୟର ପ୍ରାଥମିକତା ଅନୁରୂପ କ୍ଷେତ୍ରିୟ ପ୍ରାଥମିକତା ଚିହ୍ନଟ କରାଯିବ ଓ EFC / SFC ଦ୍ୱାରା ଅନୁମୋଦିତ ରାଜ୍ୟ ସ୍ତରୀୟ ଯୋଜନା ଗୁଡିକ ନିମନ୍ତେ ପାଣ୍ଠି ଯୋଗାଇ ଦିଆଯିବ ।

ଖ. ସୂଚିତ ଖର୍ଚ୍ଚ ସୀମା ମଧ୍ୟରେ ବ୍ୟୟ ଅଟକଳକୁ ସୀମିତ ରଖି ଏବଂ କେନ୍ଦ୍ରୀୟ ସହାୟତାର ସମ୍ଭାବ୍ୟ ରାଶିକୁ ଧ୍ୟାନରେ ରଖି ବିଭଗଗୁଡିକ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ଏବଂ କେନ୍ଦ୍ରୀୟ ଯୋଜନା ପାଇଁ ଅର୍ଥ ଆବଣ୍ଟନ ନିମନ୍ତେ ପ୍ରସ୍ତାବ ରଖିବେ ।

ଗ. ଭାରତ ସରକାର 'ଜଷ୍ଟ-ଇନ୍-ଟାଇମ୍' ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ SNA-SPARSH ନାମକ ମଡେଲ ପ୍ରଚଳନ କରିଛନ୍ତି । ଏଥିପାଇଁ functional unit ରେ ସମ୍ପୂର୍ଣ ବ୍ୟୟ ବ୍ୟବସ୍ଥା କରିବାକୁ ହେବ।

ଘ. ପ୍ରଚଳିତ ଧାରା ଅନୁଯାୟୀ କାର୍ଯ୍ୟକ୍ରମ ବ୍ୟୟ ଅଧୀନରେ ଆଦିବାସୀ ଅଞ୍ଚଳ ଉପଯୋଜନା ଏବଂ ଅନୁସୂଚିତ ଜାତି ଉପଯୋଜନା ପାଇଁ ଅର୍ଥରାଶି ଆବଣ୍ଟନ କରାଯିବ ।

ଙ. ପ୍ରଚଳିତ ଧାରା ଅନୁଯାୟୀ କାର୍ଯ୍ୟକ୍ରମ ବ୍ୟୟ ଅଧୀନରେ ଜିଲ୍ଲା ସ୍ତରୀୟ ଏବଂ ରାଜ୍ୟ ସ୍ତରୀୟ ଯୋଜନା ପାଇଁ ପାଣ୍ଠି ଆବଣ୍ଟନ କରାଯିବ ।

ଚ. ବଜେଟ୍ ବହିର୍ଭୂତ ସମ୍ବଳ ସହ ବଜେଟ୍ ସମ୍ବଳର ସଂଯୋଜନ, ଏବଂ ବଜେଟ୍ ସମ୍ବଳ ମଧ୍ୟରେ ଉପଯୁକ୍ତ ଆଭ୍ୟନ୍ତରୀଣ ଆବଣ୍ଟନ ମାଧ୍ୟମରେ ସମ୍ବଳର ସୁବିନିଯୋଗ କରିବା ଆବଶ୍ୟକ ।

**8. ସଂଲଗ୍ନ ପରିଶିଷ୍ଟ ଗୁଡ଼ିକରେ ତଥ୍ୟ ପ୍ରଦାନ**

ବଜେଟ୍ ପ୍ରସ୍ତାବଗୁଡିକର ଉପଯୁକ୍ତ ଯାଞ୍ଚ ପାଇଁ ବଜେଟ୍ ପ୍ରସ୍ତାବ ସହିତ କିଛି ଅତିରିକ୍ତ ସୂଚନା ସଂଗ୍ରହ କରାଯାଏ । ଏଥିପାଇଁ ତିନିଗୋଟି ପରିଶିଷ୍ଟ ମାଧ୍ୟମରେ ସରକାରୀ ପଦବୀ ଓ ବେତନ ଆବଶ୍ୟକତା, ଅନୁଦାନ-ସହାୟତା ଦରମା ଆବଶ୍ୟକତା ଏବଂ ଯାନବାହନ ସ୍ଥିତି ବିଷୟରେ ସୂଚନା ଆବଶ୍ୟକ । DDOମାନଙ୍କୁ ମାନବସମ୍ବଳ ଏବଂ ବେତନ ସମ୍ବନ୍ଧୀୟ ତଥ୍ୟାବଳି HRMS ରୁ ଉପଲବ୍ଧ ହେବ, ଯାହା ଯାଞ୍ଚ କରି ଆବଶ୍ୟକ ସ୍ଥଳେ ସଂଶୋଧନ କରାଯିବ । ସଂଲଗ୍ନ ହୋଇଥିବା ପରିଶିଷ୍ଟଗୁଡ଼ିକ ନିମ୍ନରେ ଦିଆଯାଇଛି:

i. **ପରିଶିଷ୍ଟ-II:** ଅନୁମୋଦିତ ସରକାରୀ ପଦବୀ ସଂଖ୍ୟା ଏବଂ ପଦବୀରେ ଉପସ୍ଥାପିତ ସରକାରୀ କର୍ମଚାରୀ ସଂଖ୍ୟା ଏବଂ ଆବଶ୍ୟକୀୟ ଦରମା ।

ii. **ପରିଶିଷ୍ଟ-III:** ଅନୁଦାନ-ସହାୟତା ବେତନର ଆକଳନ ।

iii. **ପରିଶିଷ୍ଟ-IV:** ଯାନବାହନ ଗୁଡିକର ସ୍ଥିତି ଏବଂ ଆନୁଷଙ୍ଗିକ ଖର୍ଚ୍ଚ ।

**9. ବଜେଟ୍ ପ୍ରସ୍ତାବ ଦାଖଲ ପ୍ରକ୍ରିୟା**

2026-27 ଆର୍ଥିକ ବର୍ଷର ବଜେଟ୍ ପ୍ରସ୍ତାବ ପ୍ରକ୍ରିୟାକରଣ ପାଇଁ DDO ଏବଂ ବଜେଟ ନିୟନ୍ତ୍ରଣ ଅଧିକାରୀଙ୍କ ପାଇଁ IFMS ରେ ବଜେଟ୍ ପ୍ରସ୍ତୁତି ପ୍ରକ୍ରିୟାରେ କୌଣସି ପରିବର୍ତ୍ତନ ହେବ ନାହିଁ । ଉପରୋକ୍ତ ପାରା-6(ii) ରେ ଉଲ୍ଲିଖିତ ନିର୍ଦ୍ଦେଶ ଅନୁଯାୟୀ ଖର୍ଚ୍ଚ ସୀମା BETA ମାଧ୍ୟମରେ ସୂଚାଇ ଦିଆଯିବ । ବିଭାଗଗୁଡିକ ବଜେଟ୍ ପ୍ରସ୍ତାବଗୁଡିକୁ ସୂଚିତ କରାଯାଇଥିବା ଖର୍ଚ୍ଚ ସୀମା ମଧ୍ୟରେ ପ୍ରସ୍ତୁତ କରିବା ଆବଶ୍ୟକ । **ସୂଚିତ ଖର୍ଚ୍ଚ ସୀମା ବାହାରେ ଥିବା ପ୍ରସ୍ତାବଗୁଡିକ BETAରେ ଗ୍ରହଣ କରାଯିବ ନାହିଁ ।**

**10. ବଜେଟ୍ ଆକଳନ ପାଇଁ ସମୟସୀମା**

ଓଡ଼ିଶା ବିଧାନସଭାରେ ବଜେଟ୍ ଉପସ୍ଥାପିତ ହେବା ପୂର୍ବରୁ ଅନେକଗୁଡିଏ ସୂଚନା ସଂଗ୍ରହ ଏବଂ ସଂକଳିତ ହେବାର ଆବଶ୍ୟକତା ରହିଛି । ବଜେଟ୍ ଦସ୍ତାବିଜଗୁଡିକ ଏକ ସୀମିତ ସମୟ ମଧ୍ୟରେ ପ୍ରସ୍ତୁତ କରିବାକୁ ପଡିବ। ତେଣୁ, ସମସ୍ତ ବିଭାଗ ଏବଂ ବଜେଟ ନିୟନ୍ତ୍ରଣ ଅଧିକାରୀମାନେ ନିମ୍ନଲିଖିତ ସାରଣୀରେ ଉଲ୍ଲିଖିତ ସମୟସୀମା ପାଳନ କରିବା ଆବଶ୍ୟକ ।

| ତାରିଖ | କାର୍ଯ୍ୟକଳାପ | ଦାୟିତ୍ୱ |
|---|---|---|
| 20 ଡିସେମ୍ବର, 2025 | ବଜେଟ୍ ଆକଳନ, 2026-27 ପାଇଁ ପ୍ରସ୍ତାବ ଦାଖଲ | ପ୍ରଶାସନିକ ବିଭାଗ |
| 21 ଡିସେମ୍ବର, 2025 ରୁ 5 ଜାନୁୟାରୀ 2026 | ପ୍ରଶାସନିକ ବିଭାଗ ମାନଙ୍କ ସହ ପ୍ରାକ ବଜେଟ୍ ପରାମର୍ଶ ବୈଠକ | ଅର୍ଥ ବିଭାଗ<br>ଯୋଜନା ଓ ସଂଯୋଜନ ବିଭାଗ |

| ତାରିଖ | କାର୍ଯ୍ୟକଳାପ | ଦାୟିତ୍ୱ |
|---|---|---|
| 3 ଫେବୃଆରୀ 2026 | ପ୍ରାକ୍-ବଜେଟ୍ ପରାମର୍ଶ ଏବଂ କେନ୍ଦ୍ର ବଜେଟ୍, 2026-27 ପରେ ଆକଳନଗୁଡିକର ସଂଶୋଧନ | ଅର୍ଥ ବିଭାଗ<br>ଯୋଜନା ଓ ସଂଯୋଜନ ବିଭାଗ |
| 6 ଫେବୃଆରୀ 2026 | ମୁଖ୍ୟ ଶାସନ ସଚିବ / ଉନ୍ନୟନ କମିଶନରଙ୍କ ପ୍ରମୁଖ ବିଭାଗର ସଚିବମାନଙ୍କ ସହିତ ପରାମର୍ଶ ବୈଠକ | ଅର୍ଥ ବିଭାଗ<br>ଯୋଜନା ଓ ସଂଯୋଜନ ବିଭାଗ |
| 7 -10 ଫେବୃଆରୀ, 2026 ମଧ୍ୟରେ | ମନ୍ତ୍ରୀ ପରିଷଦ ଦ୍ୱାରା 2026-27 ବାର୍ଷିକ ବଜେଟ୍ ଅନୁମୋଦନ | ଅର୍ଥ ବିଭାଗ |
| ଫେବୃଆରୀ 2026 ର ଦ୍ୱିତୀୟ ସପ୍ତାହ | ବଜେଟ୍ ଦସ୍ତାବିଜ ପ୍ରସ୍ତୁତି | ଅର୍ଥ ବିଭାଗ |
| ଫେବୃଆରୀ 2026 ର ତୃତୀୟ ସପ୍ତାହ | ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବଜେଟ୍ ଉପସ୍ଥାପନା | ଅର୍ଥ ବିଭାଗ |
| ମାର୍ଚ୍ଚ 2026 ଶେଷ | ବଜେଟ ବିନିଯୋଗ ବିଲ୍ ଉପସ୍ଥାପନା | ଅର୍ଥ ବିଭାଗ |

**ସଂଲଗ୍ନକ: ପ୍ରୋଫର୍ମା ସହିତ ତାଲିକା ।**

**ଆପଣଙ୍କ ବିଶ୍ୱସ୍ତ**

(ସ୍ୱାକ୍ଷର)

**ପ୍ରମୁଖ ଶାସନ ସଚିବ**

ଜ୍ଞାପକ ସଂଖ୍ୟା ୩୧୦୮୭ / ଅର୍ଥ, ତା: 11 / 11 / 2025 ରିଖ

ଏହାର ଏକକିତା ନକଲ ସମସ୍ତ ବିଭାଗୀୟ ମୁଖ୍ୟ (ନିୟନ୍ତ୍ରଣ ଅଧିକାରୀ)/ ଆର୍ଥିକ ପରାମର୍ଶଦାତା/ ସହକାରୀ ଆର୍ଥିକ ପରାମର୍ଶଦାତା/ ସମସ୍ତ ବିଭାଗୀୟ ମୁଖ୍ୟଙ୍କ ଆକାଉଣ୍ଟସ ଅଧିକାରୀଙ୍କ ବିହିତ ଅବଗତି ଓ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

୧୧.୧୧.୨୦୨୫
ଅନୁ ଶାସନ ସଚିବ

ଜ୍ଞାପକ ସଂଖ୍ୟା ୩୧୦୮୮ / ଅର୍ଥ, ତା: 11 / 11 / 2025 ରିଖ

ଏହାର ଏକକିତା ନକଲ ଅର୍ଥ ବିଭାଗର ସମସ୍ତ ଅଧିକାରୀ/ ଡେସ୍କ ଅଧିକାରୀ/ ଉପ ବିଭାଗ ଅଧିକାରୀଙ୍କ ବିହିତ ଅବଗତି ଓ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

୧୧.୧୧.୨୦୨୫
ଅନୁ ଶାସନ ସଚିବ

ଜ୍ଞାପକ ସଂଖ୍ୟା ୩୧୦୮୯ / ଅର୍ଥ, ତା: 11 / 11 / 2025 ରିଖ

ଏହାର ଏକକିତା ନକଲ ସମସ୍ତ ଜିଲ୍ଲାର ଜିଲ୍ଲା କୋଷାଗାର, ସ୍ୱତନ୍ତ୍ର କୋଷାଗାର, ଏବଂ ଉପ-କୋଷାଗାରର କୋଷାଗାର ଅଧିକାରୀ / ସମସ୍ତ ଜଳସେଚନ ପ୍ରକଳ୍ପର ଆର୍ଥିକ ପରାମର୍ଶଦାତା-ତଥା-ମୁଖ୍ୟ ଆକାଉଣ୍ଟ ଅଧିକାରୀଙ୍କ ବିହିତ ଅବଗତି ଓ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

୧୧.୧୧.୨୦୨୫
ଅନୁ ଶାସନ ସଚିବ

ଜ୍ଞାପକ ସଂଖ୍ୟା ୩୧୦୯୦ / ଅର୍ଥ, ତା: 11 / 11 / 2025 ରିଖ

ପ୍ରମୁଖ ଶାସନ ସଚିବ/ ସ୍ୱତନ୍ତ୍ର ଶାସନ ସଚିବ/ଅତିରିକ୍ତ ଶାସନ ସଚିବଙ୍କ ବିହିତ ଅବଗତି ନିମନ୍ତେ ଏହାର ଏକକିତା ନକଲ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ/ସ୍ୱତନ୍ତ୍ର ଶାସନ ସଚିବ/ଅତିରିକ୍ତ ଶାସନ ସଚିବଙ୍କ ବ୍ୟକ୍ତିଗତ ସଚିବଙ୍କୁ ପ୍ରେରଣ କରାଗଲା ।

୧୧.୧୧.୨୦୨୫
ଅନୁ ଶାସନ ସଚିବ

ଜ୍ଞାପକ ସଂଖ୍ୟା ୩୧୦୯୧ / ଅର୍ଥ, ତା: 11 / 11 / 2025 ରିଖ

ଏହାର ଏକକିତା ନକଲ ଯୋଜନା ଏବଂ ସଂଯୋଜନ ବିଭାଗର ଅତିରିକ୍ତ ଶାସନ ସଚିବଙ୍କ ବିହିତ ଅବଗତି ଓ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

୧୧.୧୧.୨୦୨୫
ଅନୁ ଶାସନ ସଚିବ

ଜ୍ଞାପକ ସଂଖ୍ୟା. ୩୧୦୯୨ / ଅର୍ଥ, ତା: 11 / 11 / 2025 ରିଖ

ଅର୍ଥ ବିଭାଗର ୱେବସାଇଟ (https://finance.odisha.gov.in/)ରେ ଉପଲବ୍ଧ କରିବା ନିମନ୍ତେ ଏହାର ଏକକିତା ନକଲ ପୋର୍ଟାଲ-ଇନ୍-ଚାର୍ଜ, FID ଙ୍କ ପାଖକୁ ପ୍ରେରଣ କରାଗଲା ।

୧୧.୧୧.୨୦୨୫
ଅନୁ ଶାସନ ସଚିବ

ପରିଶିଷ୍ଟ-I

**Guidelines for preparation of budget proposal for Administrative Expenditure**

| Sl. No. | Unit of Expenditure | Percentage growth | Remarks |
|---|---|---|---|
| 1 | Pay | 3% on account of Annual increment | No salary provision against the vacant posts except in cases where Finance Department has explicitly allowed filling up of vacancies |
| 2 | Dearness Allowances | 64 % of Basic Pay | |
| 3 | HRA | As per actual requirement | |
| 4 | Requirement on account of MACPS | To be mentioned for assessment of the total salary requirement. | |
| 5 | Consolidated pay for contractual appointees. | Should be shown separately | |
| 6 | Salary/ wages of work charged/ Job Contract/ NMR/ DLR | As per existing norm | |
| 7 | Telephone, TE and OC | Same level of 2025-26 (BE) | |
| 8 | Decretal dues and Land Acquisition Cases | As per actual requirement | |
| 9 | RCM | @Rs.2000/- per head | |
| 10 | MV (PoL) | Same level of 2025-26 (BE) | |
| 11 | MV (Hiring charges) | As per approved rate | |
| 12 | LTC | As per actual requirement | |
| 13 | RRT, Municipal Tax, Water Charges, Electricity charges | As per actual requirement | |
| 14 | O&M Expenditure | Same level of 2025-26 (BE) | Subject to preparation of Annual Maintenance Plan |
| 15 | Debt servicing cost | As per actual requirement | |
| 16 | Loans & Advances | As per actual requirement | |

**Annexure-II**

**Sanctioned Strength, Vacancies and Man-in-position and salary requirement**

**D.D.O of ______________________________ (Name of the Establishment)**

| | | | | | |
|---|---|---|---|---|---|
| **Category** | **(Administrative EXP/Programme Expenditure/Disaster Management/Transfer from State)** | | | | |
| **Sub-category:** | **E.O.M/ DSE/ SSS/ CS/ CSS/ NDRF/ SDRF/ SFC/ CFC** | | | | |
| **Sector** | **State Sector/ District Sector** | | | | |
| **Chart of Account:** | **Major Head** | **Sub-Maj Head** | **Minor Head** | **Sub-Head** | **Voted/ Charged** |

**Abstract of Employee Strength**

| Sl. No. | Group | Sanctioned Strength | Vacancy as on 01.03.2025 | Anticipated vacancy from 01.03.2025 to 28.02.2026 | Total Vacancy as on 01.03.2026 (4+5) | Anticipated Men in position as on 01.03.2026 (3-6) | Vacancy likely to be filled up (+)/arise due to retirement etc. (-) during the next Financial Year | Anticipated Men in position for whom budget provision is proposed |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| 1 | Group A | | | | | | | |
| 2 | Group B | | | | | | | |
| 3 | Group C | | | | | | | |
| 4 | Group D | | | | | | | |

**Annexure-IIA**

## Detailed calculation of Salary (Regular Employee)

| SL No. | Name of the incumbent | Employee ID | Group | Current Basic Pay | Basic Pay (as on 1st March Next year) | Total yearly Requirement under Pay (Col. 5 x 12) | DA | HRA | OA | RCM | Total |
|---|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 |
| 1 | | | | | | | | | | | |
| 2 | | | | | | | | | | | |
| 3 | | | | | | | | | | | |
| Total | | | | | | | | | | | |
| 1 | Additional Amount due to increment (+) | | | | | | | | | | |
| 2 | Exclusions for the incumbents likely to be absent or on deputation (-) | | | | | | | | | | |
| Total Provision | | | | | | | | | | | |

**Annexure-III**

## Estimates of Grants-in-aid Salary

## (AE, PE separately)

<table>
<tr><th rowspan="2">Scale of Pay</th><th rowspan="2">Total sanctioned and approved strength</th><th rowspan="2">No. of Vacancies as on 01.03.2025</th><th rowspan="2">Sharing pattern by State Govt.</th><th rowspan="2">RE for 2025-26</th><th colspan="6">Estimate of current salary for 2026-27</th><th rowspan="2">Arrears salary if any; give particulars</th><th rowspan="2">Additionality on account of RACP/ MACP</th><th rowspan="2">Total estimates for 2026-27 (11+12+13)</th></tr>
<tr><th>Pay</th><th>DA</th><th>HRA</th><th>RCM</th><th>OA</th><th>Total (6 to 10)</th></tr>
<tr><td>(1)</td><td>(2)</td><td>(3)</td><td>(4)</td><td>(5)</td><td>(6)</td><td>(7)</td><td>(8)</td><td>(9)</td><td>(10)</td><td>(11)</td><td>(12)</td><td>(13)</td><td>(14)</td></tr>
<tr><td colspan="14">(a) Teaching posts</td></tr>
<tr><td colspan="14">(b) Non-Teaching posts</td></tr>
<tr><td colspan="14">(c) Total (a+b)</td></tr>
</table>

1. For salaries drawn under direct payment system information in respect of Colleges, Secondary Schools and Primary Schools be compiled and furnished in separate statements. The information for Secondary Schools and Primary Schools be furnished in separate statements for each Inspector of Schools and each District Inspector of Schools.
2. In regard to grant-in-aid to meet the share up to a particular limit similar information may be furnished separately for Colleges and Schools in separate Statements.
3. The H & U.D. Department need furnish similar information in respect each ULBs provided with grants-in-aid upto a specified percentage of pay and Dearness Allowance.
4. Panchayati Raj Department shall furnish in respect of the posts for which Govt. provides Grants-in-aid.
5. Agriculture Dept./Industry Dept./H & FW Dept. and other Departments providing Grants-in-aid for salary are also to furnish.

**Annexure-IIIA**

**(For School & Mass Education Department / Higher Education Department only)**

**(Rs. in Trs.)**

| No. of schools/ Colleges receiving GIA | No. of employees receiving GIA in respect of those Schools / Colleges | Current requirement in the pre-revised scale per annum. | Arrears in the pre-revised scale, if not paid, & carried over to 2025-26 | Total for 2025-26 in the pre-revised scale (3+4) | Differential amount of salary on the revised scale of pay for the year 2025-26 only | Arrear differential pay in the revised scale upto 28.02.2026 | Total differential arrear (6+7) |
|---|---|---|---|---|---|---|---|
| (1) | (2) | (3) | (4) | (5) | (6) | (7) | (8) |
| | | | | | | | |

Rm

**Annexure-IIIB**

**Information on teaching and non-teaching posts, vacant posts, vacant posts abolished, men in position etc. under grant-in-aid fold.**

**(For School & Mass Education Department/ Higher Education Department only)**
**(Separately for Administrative Expr. and Programme Expr.)**

(Rs. in Trs)

| Name of the School/College | Total teaching posts receiving Grant-in-aid | | | | No. of non-teaching staff receiving Grant-in-aid | | | | Total teaching and non-teaching posts (5+9) |
|---|---|---|---|---|---|---|---|---|---|
| | No. receiving 1/3rd | No. receiving 2/3rd | No. receiving full. | Total | No. receiving 1/3rd | No. receiving 2/3rd | No. receiving full. | Total | |
| (1) | (2) | (3) | (4) | (5) | (6) | (7) | (8) | (9) | (10) |

| Vacant posts if any receiving GIA as on **01.03.2025** | | | Vacant posts abolished by **31.10.2025** | | | Men in position as on **01.11.2025** | | | Vacant Posts anticipated to be abolished as on **28.02.2026** | | |
|---|---|---|---|---|---|---|---|---|---|---|---|
| Teaching | Non-teaching | Total (11+12) | Teaching | Non-teaching | Total (14+15) | Teaching | Non-teaching | Total (17+18) | Teaching | Non-Teaching | Total |
| (11) | (12) | (13) | (14) | (15) | (16) | (17) | (18) | (19) | (20) | (21) | (22) |

| Men in position as on **01.03.2026** after abolition of the vacant posts indicated in Col.22 | | | Annual requirement of Grant-in-Aid salary for men in position as in Col.25 | | | Remarks |
|---|---|---|---|---|---|---|
| Teaching | Non-Teaching | Total (23 +24) | Teaching | Non-teaching | Total (26+27) | |
| (23) | (24) | (25) | (26) | (27) | (28) | (29) |

Rw

**Annexure-IV**

## Information on Vehicles

D.D.O of ________________________ (Name of the Establishment)

| | | | | | | | |
|---|---|---|---|---|---|---|---|
| Category | (Administrative EXP/Programme Expenditure/Disaster Management/Transfer from State) | | | | | | |
| Sub-category: | (E.O.M/DSE/SSS/CS/CSS/NDRF/SDRF/SFC/CFC) | | | | | | |
| Sector | State Sector/District Sector | | | | | | |
| Chart of Account: | Major Head | Sub-Maj Head | Minor Head | Sub-Head | Detailed Head | Object Head | Voted/ Charged |
| | | | | | Hiring | MV | |

**Details of Vehicles Deployed**

| Category of Vehicles (Government/ Hired) | No. of Vehicles as on 31.03.2024 | Additional No. of Vehicles during 01.04.2024 to 31.03.2025 | Total Vehicles as on 01.04.2025 | Actual Exp during 2024-25 | Actual Exp during 2025-26 upto October, 2025 | 2025-26 (R.E.) | 2026-27 (B.E.) |
|---|---|---|---|---|---|---|---|
| | | | | | | | |
| | | | | | | | |
| | | | | | | | |
| | | | | | | | |
| | | | | | | | |

Raw